**D.A.V. PUBLIC SCHOOLS, BHUBANESWAR.**

**Term-II Examination 2017-2018**

**CLASS - III**

**ODIA**

**Time : 2 hours** **Full Marks: 50**

**ସାଧାରଣ ସୂଚନା:**

- ପ୍ରଥମେ ପ୍ରଶ୍ନପତ୍ରଟିକୁ ଭଲ ଭାବରେ ମନଦେଇ ପଢ଼ ।
- ଉତ୍ତର ଲେଖିବା ପୂର୍ବରୁ ଖାତାର ବାମପଟେ ପ୍ରଶ୍ନର ନମ୍ବର ଠିକ୍ ଭାବରେ ଲେଖ ।
- ୧ ନମ୍ବର ପ୍ରଶ୍ନରୁ ୫ ନମ୍ବର ପ୍ରଶ୍ନ ପର୍ଯ୍ୟନ୍ତ ସମସ୍ତ ଉତ୍ତର କ୍ରମାନ୍ୱୟରେ ସୁନ୍ଦର ହସ୍ତାକ୍ଷରରେ ଲେଖିବା ପରେ ପୁନର୍ବାର ଯାଞ୍ଚ କର ।

## 'କ' ବିଭାଗ

୧. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫x୧=୫)

ଡେଙ୍ଗୁ ରୋଗ ଏଡିସ୍ ମଶାଯୋଗୁ ହୋଇଥାଏ । ଦେହରେ ନିମ ଓ କରଞ୍ଜ ତେଲ ଲଗାଇଲେ ମଶା କାମୁଡିବେ ନାହିଁ । ନିମପତ୍ର ଓ ଝୁଣା ପକାଇ ସକାଳେ ଓ ସନ୍ଧ୍ୟାରେ ଘରର ଚାରିଆଡ଼େ ଧୂଆଁ ଦେଲେ ମଶା ରହିବେ ନାହିଁ । ଘର ଚାରିପାଖର ପରିବେଶ ପରିଷ୍କାର ରଖିବା ଉଚିତ । ବାଡ଼ି ବଗିଚାରେ ଉଠିଥିବା ଅନାବନା ଗଛ ଓ ଘାସ ଉପାଡ଼ି ସଫା ରଖିବା । ରାତିରେ ମଶାରୀ ଟାଙ୍ଗି ଶୋଇବା । ଶରୀରକୁ ପୂର୍ଣ୍ଣ ଆବୃତ୍ତ କଲାଭଳି ପୋଷାକ ପିନ୍ଧିବା । ସନ୍ଧ୍ୟା ଓ ସକାଳେ ଝରକା ଓ କବାଟ ବନ୍ଦ ରଖିବା । ଜ୍ୱର ହେଲେ ହେଳା ନକରି ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇବା ଓ ପାଣି ଫୁଟାଇ ଛାଣିକରି ପିଇବା । ତୁଳସୀ ରସ ଓ ମହୁ ଖାଇଲେ ଆମ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ଆମକୁ ଡେଙ୍ଗୁ ରୋଗରୁ ରକ୍ଷା କରିବ । ଜ୍ୱର ସମୟରେ ତେଲ ମସଲା ଖାଦ୍ୟ ନଖାଇ ହଜମ ହେଉଥିବା ସରଳ ଖାଦ୍ୟ ଖାଇବା ଉଚିତ । ଖିସ୍‌ମିସ୍ ଖାଇଲେ ଶରୀରକୁ ଶକ୍ତି ଯୋଗାଇବ । ଫ୍ରିଜ୍ ଓ କୁଲର୍, ଏପରିକି ଘରର କୌଣସି ସ୍ଥାନରେ ପାଣି ଜମିବାକୁ ଦେବା ନାହିଁ । ଏଥିରେ ଏଡିସ୍ ମଶା ଜନ୍ମ ନେଇଥାଏ ।

ପ୍ରଶ୍ନାବଳୀ (କ) କେଉଁ ମଶା କାମୁଡିଲେ ଡେଙ୍ଗୁ ହୋଇଥାଏ ?

(ଖ) ଆମଦେହରେ ରୋଗ ପ୍ରତିରୋଧକ ଶକ୍ତି କିପରି ବଢ଼ିବ ?

(ଗ) କ'ଣ ଖାଇଲେ ଶରୀରକୁ ଶକ୍ତି ଯୋଗାଇବ ?

(ଘ) ଶୁଦ୍ଧ ବନାନଟିକୁ ବାଛି ଲେଖ ।
(ଔଷଦ୍ଧ, ଓଷଧ, ଔଷଧ, ଔସଧ)

(ଙ) ଦେହରେ ______ ଓ ______ ତେଲ ଲଗାଇଲେ ମଶା କାମୁଡ଼ିବେ ନାହିଁ ।
(ସୋରିଷ ଓ ନଡ଼ିଆ ତେଲ, ରାଶି ଓ ସୋରିଷ ତେଲ, ଜଡ଼ା ଓ ନଡ଼ିଆ ତେଲ, ନିମ ଓ କରଞ୍ଜ ତେଲ)

20

## 'ଖ' ବିଭାଗ

୨. ବିଦ୍ୟାଳୟରେ ଅନୁପସ୍ଥିତ ଥିବାର ଉପଯୁକ୍ତ କାରଣ ଦର୍ଶାଇ ବିଦ୍ୟାଳୟର ଅଧକ୍ଷ/ଅଧକ୍ଷାଙ୍କ ନିକଟକୁ ଦରଖାସ୍ତ ଲେଖ । (୧x୫=୫)

**କିମ୍ବା**

ତୁମ ଜନ୍ମଦିନ କିପରି ଭାବରେ ପାଳନ କଲ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ

୩. (କ) 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦକୁ ଯୋଡ଼ି ଲେଖ । ($୬x\frac{୧}{୨}$=୩)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ରୋଗିଣା | କଥିତ |
| ହରିଣ | ଡାଳ |
| କେରଳ | ଉଷାକୋଠି |
| ମହୁଲ | ବାଳକ |
| ସାରସ | ଗିନା |
| କଥା | ମାଲୟାଲମ୍ |
| | ପକ୍ଷୀ |

(ଖ) ପଦ୍ୟାଂଶକୁ ସଜାଡ଼ି ଲେଖ । (୩x୧=୩)

(୧) ଥରିଲା ଛାତି ବିଦେଶୀ ଶେଷରେ

(୨) ବଣ ପରା ମୋ ମିତ ଗଛର ଡାଳ ସରଗ ମୋର

(୩) ଧନ ବୋହିନେଲେ ଆମ ଦେଶରୁ

(ଗ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୩x୧=୩)

(୧) ସରଳ – (ସହଜ, ତରଳ, ଜଟିଳ, ସବଳ)

(୨) ସୁସ୍ଥ – (ଅସୁସ୍ଥ, ସ୍ୱାସ୍ଥ୍ୟ, ସ୍ୱଚ୍ଛ, ଅସ୍ଥି)

(୩) ଧନୀ – (ଧନ, ଧାନ, ନିର୍ଦ୍ଧନ, ଟଙ୍କା)

(ଘ) ପ୍ରତିଶବ୍ଦ ଲେଖ । (୩x୧=୩)

(୧) କାକ – (ନାକ, ଟେକ, କୁଆ, ପାରା)

(୨) ଧରା – (ବରା, ଜହ୍ନ, ଧରିବା, ବସୁଧା)

(୩) ମଥା – (କଥା, ମନ, ମୁହଁ, ମୁଣ୍ଡ)

(ଙ) ଗଦ୍ୟରୂପ ଲେଖ । (୪x୧=୪)

ନିଇତି, ତପତ, ଶରଧା, ପରାଣ

(ଚ) 'ନଦୀନାଳ' ଓ 'ଜୀବଜନ୍ତୁ' ପରି ୪ଟି ଯୋଡ଼ାଶବ୍ଦ ଲେଖ । (୪x୧=୪)

## 'ଘ' ବିଭାଗ

୪. (କ) ଶୂନ୍ୟସ୍ଥାନ ପୂରଣ କର । (୨x୧=୨)

(୧) ବିଶୁ ମହାରଣା ନିଜ ବାଡ଼ି ________ ଦେଖି ପୁଅକୁ ଚିହ୍ନି ପାରିଲେ ।
(ବଗିଚା, ଶାଗ, ଗୋଲାପଫୁଲ, ବରକୋଳି)

(୨) ଥରେ ବାପାଙ୍କ ସଙ୍ଗେ ରମେଶ ________ ବାହାରିଥାଏ ।
(ବିଦ୍ୟାଳୟ, ବଗିଚା, କଟକ, ଦିଲ୍ଲୀ)

(ଖ) ବାକ୍ୟ ଗଠନ କର । (୨ଟିର) (୨x୧=୨)
ସମର୍ଥନ, କ୍ଷେତବାଡ଼ି, ଆଉଟୁପାଉଟୁ

(ଗ) ଅର୍ଥ ଲେଖ । (୩x୧=୩)
ଭଗ୍ନ, ଗ୍ରୀବା, ଖାଦ୍ୟପେୟ

(ଘ) କବିତାଂଶଟି ପଢ଼ି ଶୂନ୍ୟସ୍ଥାନ ପୂରଣ କର । ($୬x\frac{୧}{୨}$=୩)

ପବନ ଭଅଁର ମହୁମାଛି ଏକ
ମିଳିଲେ ଏକାଠି ଦିନେ,
ଟିକି ________ ମନକଥା ତା'ର
କହିଲା ତାଙ୍କରି ________ ।
________କରତା କେତେ ଆଦରରେ
ଆଣିଲେ ଏଠାକୁ ________,
ସାନଟିରୁ ଆଣି ________ କଲେ
କେତେ ଯତନରେ ________ ।

(ଙ) ଉତ୍ତର ଲେଖ । (୪ଟିର) (୪x୨=୮)

(୧) ସ୍ୱାଧୀନତା ସୈନିକମାନେ କ'ଣ କରୁଥିଲେ ?
(୨) ରାଜା ନରସିଂହଦେବ କାହାର ପୂଜା ପାଇଁ ମନ୍ଦିରଟିଏ ତୋଳାଇବାକୁ ଚାହିଁଲେ ?
(୩) ବାଳକଟି ବିଦ୍ୟାସାଗରଙ୍କୁ ହାତଯୋଡ଼ି କ'ଣ କହିଲା ?
(୪) ହିନ୍ଦୀ ଭାଷାକୁ ଭାରତର ରାଷ୍ଟ୍ରଭାଷା କରାଯାଇଛି କାହିଁକି ?
(୫) ମଣିଷ କାହିଁକି ପଶୁପକ୍ଷୀଙ୍କୁ ମାରିଥାଏ ?
(୬) କୁନା ବଣିକୁ କ'ଣ ଖାଇବାକୁ ଦେବବୋଲି କହିଲା ?

୫. ଧରମା କୋଣାର୍କ ମନ୍ଦିରର ମୁଣ୍ଡିମାରି ଜାତିଭାଇଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନଦେବା ଘଟଣାରୁ ତୁମେ କି ମୂଲ୍ୟବୋଧ ଲାଭ କଲ ? (୨)

କିମ୍ବା

ତୁମେ 'ବଣଅଦାଲତ' ବିଷୟର ବ୍ୟାଘ୍ର ମହାରାଜଙ୍କ କଥାରୁ କେଉଁ ମୂଲ୍ୟବୋଧ ଲାଭ କଲ?

•••